# ଘରୁ ଡାକିନେଇ ନାବାଳିକାକୁ ହତ୍ୟା!

ପାଟଣାଗଡ଼,୨୭ ।୪(ସମିସ)

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ପଞ୍ଚାୟତ ଅଧୀନ ଡୁମେରପଦର ଗାଁ ଜଙ୍ଗଲରୁ ପୁଲିସ ଜଣେ ନାବାଳିକା ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଯୁବତୀ ଜଣକ ପାଡେଲ ଗାଁର ନାବାଳିକା ଅନିତା କଠାର (୧୫)। ଘଟଣାସ୍ଥଳରେ ପାଟଣାଗଡ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ତେବେ ତାଙ୍କୁ ହତ୍ୟା କରାଯାଇ ଝୁଲାଇ ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଓ ଅଧିକ ତଦନ୍ତ ପରେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଥାନା ଅଧିକାରୀ ଶ୍ରୀ



ଗଡ଼ତ୍ୟା କହିଛନ୍ତି। ନାବାଳିକାଙ୍କ ଭାଇଙ୍କ ଅଭିଯୋଗ ଅନୁସାରେ ରବିବାର ସନ୍ଧ୍ୟାରେ ତାଙ୍କୁ କେତେଜଣ ପିଲା ଫୋନ କରି ଡାକିଥିଲେ। ଏହାପରେ ସେ ଘରୁ ବାହାରି ଯାଇଥିଲା। ସନ୍ଧ୍ୟା ୬ଟାରେ ଅନିତା ଘରେ ନ ଥିବା ଜଣା ପଡିଥିଲା। 'ତୁମ ଭଉଣୀକୁ ନେଇଯାଅ। ଡୁମେରପଦର ରାସ୍ତାରେ ଛାଡି ଦେଇଛୁ' ବୋଲି ସନ୍ଧ୍ୟା ୭ଟା ପରେ ଗୋଟିଏ ନମ୍ବରରୁ ଫୋନ୍ ଆସିଥିଲା। ପରିବାର ଲୋକେ ଯାଇ ଖୋଜା ଖୋଜି ପରେ ମଧ ମିଳି ନ ଥିଲା। ୮ଟା ୨୧ରେ ଅନିତା ଫୋନ କରି 'ମୋତେ ଉଦ୍ଧାର କର। ନ ହେଲେ ସେମାନେ ମାରିଦେବେ। ଅନ୍ଧାରିଆ ସ୍ଥାନ ହୋଇଥିବାରୁ ମୁଁ କେଉଁ ସ୍ଥାନରେ ଅଛି ଜାଣିପାରୁନାହିଁ। ବାଙ୍କିବାହାଲ ରାସ୍ତା ଅଞ୍ଚଳରେ ରହିଥିବା ଅନୁମାନ କରୁଛି। ଦୁଇ ତିନି ଜଣ ପିଲା ଅଛନ୍ତି' କହି ଫୋନ କାଟିଦେଇଥିଲା। ପରେ ଅଞ୍ଚଳର ବିଭିନ୍ନ ସ୍ଥାନ ଗମ୍ଭାରୀ ରାସ୍ତା ଅଞ୍ଚଳରେ ଖୋଜାଖୋଜି କରି ମଧ ଘର ଲୋକେ ପାଇ ନ ଥିଲେ। ସୋମବାର ସକାଳୁ ଡୁମେରପଦର ଗାଁ ଜଙ୍ଗଲର ଏକ ଗଛରେ ଅନିତାଙ୍କ ମୃତଦେହ ଝୁଲୁଥିବା ଦେଖି ଲୋକେ ଖବର ଦେଇଥିଲେ। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ। ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ହତ୍ୟା କରି ଝୁଲାଇ ଦିଆଯାଇଛି। ମାଟି ତଳେ ଗୋଡ଼ ଲାଗି ରହିଥିଲା। ସେ ନିଜେ ଆହେତ୍ୟା କରିଥିଲେ ଗୋଡ଼ ମାଟିରେ ଲଗି ନ ଥାନ୍ତା। ଭଉଣୀକୁ କୌଣସି କାରଣରୁ କିଛି ଯୁବକ ବ୍ଲାକମେଲ କରୁଥିଲେ। ଫୋନ୍ ଆସିଥିବା ନମ୍ବର ଟ୍ରୁ କଲରରେ ବଳରାମ ସାହୁ ବାହାରୁଛି। ସେମାନେ ପାଟଣାଗଡ଼ ଆଖପାଖ ଅଞ୍ଚଳର ବୋଲି ତାଙ୍କ ଭାଇ ଆଶଙ୍କା କରିଛନ୍ତି। ଭଉଣୀକୁ ଯେଉଁଭଳି ଭାବେ ହତ୍ୟା କରାଯାଇଛି ସେମାନଙ୍କୁ ସେଭଳି ଦଣ୍ଡ ମିଳୁ। ପୁଲିସ ପ୍ରକୃତ ତଦନ୍ତ କରି ଦୋଷୀକୁ ବାହାର କରୁ ଓ ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ ବୋଲି ସେ ଅଭିଯୋଗ ଆଣିଛନ୍ତି।

## ଉଲୁଣ୍ଡାରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ତରଭା,୨୭ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ କେ ହରିପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ୪୮ ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିରୁ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଅନ୍ୟାନ୍ୟ ସମସ୍ତ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଛି। ବିଡିଓ ଦିଲୀପ ବାରାଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କାଳିଆ ମଲ୍ଲିକ, ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରଣୀ ଦାସ, ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣି) ପ୍ରିୟଦର୍ଶିନୀ ସାହ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋମାତାଙ୍କ ସୁରକ୍ଷା, ସମ୍ମାନ ପାଇଁ ଦସ୍ତଖତ ଅଭିଯାନ




ବୌଦ୍ଧ,୨୭ ।୪(ସମିସ): ସର୍ବ ଭାରତୀୟ ସ୍ତରରେ ଗୋ-ମାତାଙ୍କ ସେବା, ସୁରକ୍ଷା ଓ ସମ୍ମାନ ଆହ୍ୱାନରେ ଦେଶର ୫୧୦୦ ତହସିଲରେ ଦସ୍ତଖତ ଅଭିଯାନ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହରଭଙ୍ଗା ତହସିଲଦାର ବଳଦେବ ବେହେରାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଟାକକ୍ଷରାର ବାବା ତ୍ରିଲୋଚନ ଦାସ, ଛତ୍ରଙ୍ଗର ବାବା ଖଗେଶ୍ୱର ବାନପ୍ରସ୍ଥି ଓ ରାମ୍ପିକଟାର ଧୂଳିଆ ବାବାଙ୍କ ସହ ହରଭଙ୍ଗା ବ୍ଲକ ଡ଼ଙ୍ଗାଖୋଲସ୍ଥିତ ଶ୍ରୀ ଶ୍ୟାମ ଗୋଶାଳା ଅଧ୍ୟକ୍ଷ ବିଜୟଅଗ୍ରୱାଲଙ୍କ ନେତୃତ୍ୱରେ ଏଡି ଦାବିପତ୍ର ପ୍ରଦାନ କରାଯାଇଛି। ବୌଦ୍ଧରେ ବୌଦ୍ଧ ଜିଲ୍ଲା ସନ୍ଥ ସମାଜ ସଭାପତି ବାବା ଲକ୍ଷ୍ମଣ ଦାସ, ଜିଲ୍ଲା ବ୍ରାହ୍ମଣ ସମାଜ ସମ୍ପାଦକ ଦେବାଶିଷ ପୁରୋହିତ, ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ସମେତ ବୌଦ୍ଧ ବ୍ଲକ ଓ ମୁନ୍ସିପାଲଟିର ଗୋପ୍ରେମୀ କୀର୍ତ୍ତନ କରି ଶୋଭାଯାତ୍ରାରେ କରିଥିଲେ। ବୌଦ୍ଧଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କୁ ଗୋପ୍ରେମୀ ସତ୍ୟବାନ ମିଶ୍ରଙ୍କ ନେତୃତ୍ୱରେ ପ୍ରଶାନ୍ତ ମିଶ୍ର, ସୌମ୍ୟ ରଞ୍ଜନ କଲତା, ବାଲମକୁନ୍ଦ ସାହୁ, ପୁରୁଷୋତ୍ତମ ହାତୀ, ରାମେଶ୍ୱର ଖମାରୀ ଓ ବିଶ୍ୱ ବିହାରୀ ମହଲା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



କନ୍ଧମାଳ,୨୭ ।୪(ସମିସ): ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଭାବେ କନ୍ଧମାଳ ବାସିନ୍ଦା ଡମ୍ବରୁଧର କହଁର ନିଯୁକ୍ତି ପାଇବା ପରେ ଜିଲ୍ଲାବାସୀ ସମେତ ବିଭିନ୍ନ ଜିଲ୍ଲାର ଆଦିବାସୀ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ସଭାପତି ସତ୍ୟନାରାୟଣ ଭୋଇ, ଆଦିବାସୀ ନେତା ଶିବ ଜାନି, ସୋନପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାପତି ଯୋଗୀନ୍ଦ୍ର ସିଂ, ଉଲୁଣ୍ଡା ବ୍ଲକ ସଭାପତି ନନ୍ଦନ ବାରିକ, ବିନିକା ବ୍ଲକ କମିଟି ପକ୍ଷରୁ ଭାଗୀରଥି ମରପାଚି ପ୍ରମୁଖ ଶ୍ରୀ କହଁରଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।



ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ କୋଶଲି ଭାଷା ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କୋଶଲି ଭାଷା ସମ୍ମଳନୀରେ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ତହଁକ୍ କୁଟୁମ୍ "ସାଂଗଠନିକ ସମ୍ମାନ୍ - ୨୦୨୬' ପ୍ରଦାନ କରାଯାଉଛି

## ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ

ବୌଦ୍ଧ,୨୭ ।୪(ସମିସ): ବୌଦ୍ଧ ଥାନା ସରସରା ପଞ୍ଚାୟତ ମହୁଲପାଲି ଗ୍ରାମର ଗେଣ୍ଡା ବନ୍ଧଲି ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ବ୍ୟକ୍ତି ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ବ୍ଲକ ବହିରା ପଞ୍ଚାୟତ ବସ୍ତମ୍ପୁର ଗ୍ରାମର ଦେବାର ବେହେରା (୫୦)। ସେ ସରସରା ଗ୍ରାମର ନିଜ ଶ୍ୱଶୁର ନଟ ବେହେରାଙ୍କ ଘରେ କିଛି ଦିନ ହେଲା ରହୁଥିଲେ। ସୋମବାର ଦିନ ୧୧ଟାରେ ସରସରା ପଞ୍ଚାୟତ ମହୁଲପାଲି ଗ୍ରାମର ଗେଣ୍ଡା ବନ୍ଧଲି ପୋଖରୀକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ସେ ବୁଡି ଯିବା ଦେଖି ସେଠାରେ ଥିବା ଲୋକମାନେ ବୌଦ୍ଧ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଦୀର୍ଘ ସମୟ ପାଣି ଭିତରେ ଖୋଜା ଖୋଜି କରି ମୃତଦେହ ଉଦ୍ଧାର କରିଥିଲେ।

## ନାରାୟଣନଗରରେ ୬ ମାସ ହେଲା ନଳକୂପ ଅଚଳ

ଜହ୍ନାପଙ୍କ,୨୭ ।୪ (ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମର ମନ୍ଦିର ସାହିରେ ଥିବା ଥିବା ନଳକୂଅଟି ଦୀର୍ଘ ୬ ମାସରୁ ଅଧିକ ହେବ ଅଚଳ ହୋଇ ପଡ଼ିଛି। ଏହି ନଳକୂପ ଉପରେ ସ୍ଥାନୀୟ ସାହିର ୩୦ ପରିବାରର ୧୦୦ ଲୋକଙ୍କ ସହ ମନ୍ଦିରକୁ ଆସୁଥିବା ଭକ୍ତ ବ୍ୟବହାର କରିଥାନ୍ତି। ନଳକୂପ ଅଚଳ ହୋଇଥିବା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂଅକୁ ମରାମତି କରିବାକୁ ପଡାବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମ ମାସରେ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିର୍ଦ୍ଦେଶ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୬ ମାସ ହେଲା ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ପଡାବାସୀ କହିଛନ୍ତି। ପିଇବା ପାଣିର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ପଡାବାସୀ ଦାବି କରିଛନ୍ତି। ଦିନକୁ ଗୋଟିଏ ଘଣ୍ଟା ମେଗା ପାନୀୟ ଜଳପ୍ରକଳ୍ପ ପାଣି ମିଳୁଥିବା ବେଳେ ନଳକୂପ ଅଚଳ ଯୋଗୁଁ ଲୋକେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ତେଣୁ ତୁରନ୍ତ ମନ୍ଦିର ସାହିଠାରେ ଥିବା ନଳକୂପ ମରାମତି କରିବାକୁ ପଡାବାସୀ ଦାବି କରିଛନ୍ତି।

## ଖବର ପକାଶ ପରେ ମରାମତି ହେଲା ନଳକୂପ

ବୌଦ୍ଧ,୨୭ ।୪(ଇମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗାଁ ମୁଣ୍ଡରେ ଥିବା ନଳକୂପଟି ମାସେରୁ ଅଧିକ ହେଲା ଖରାପ ହୋଇଥିବା ନେଇ ଦୈନିକ ସକାଳରେ ଖବର ପ୍ରକାଶ ହେବା ପରେ ବିଭାଗୀୟ

**'ସକାଳ' ପ୍ରଭାବ**

କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ଏହାକୁ ଆଜି ମରାମତି କରିଛନ୍ତି। ଏହାଫଳରେ ସାହିବାସୀ ଆଶ୍ୱସ୍ତ ଲାଭ କରିଛନ୍ତି। ଦୀର୍ଘ ମାସେରୁ ଅଧିକ ଏହି ନଳକୂପ ଖରାପ ଯୋଗୁଁ ଚସା ଓ ସୁଦ ସାହିର ୫୦ରୁ ଅଧିକ ପରିବାର ପାଣି ପାଇଁ ହନ୍ତସନ୍ତ ହେଉଥିଲେ। ଏନେଇ ସାହିବାସୀ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ କିଛି ଲାଭ ହୋଇ ନ ଥିଲା। ଖବର ପ୍ରକାଶ ହେବା ପରେ ମରାମତି ହେବାରୁ ସାହିବାସୀ ପାଣି ପାଇଁ ଆଶ୍ୱସ୍ତି ଲାଭ କରିଛନ୍ତି।

## ଇସିରିସିଙ୍ଗା ଅଙ୍ଗନବାଡ଼ି ସହାୟିକାଙ୍କୁ ଜାତିଆଣ ଆକ୍ଷେପ



ବୌଦ୍ଧ,୨୭ ।୪(ସମିସ): ବୌଦ୍ଧ ବ୍ଲକ୍ ବଘିଆପଡା ପଞ୍ଚାୟତ ଇସିରିସିଙ୍ଗା ଅଙ୍ଗନବାଡି ସହାୟିକାଙ୍କୁ ଜାତିଆଣ ଆକ୍ଷେପ କରାଯାଉଥିବା ସୋମବାର ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତି ନଂ ୨୨୬ (୫।୨।୨୦୨୫) ଅନୁଯାୟୀ ସହାୟିକା ପଦବୀ ପାଇଁ ଗ୍ରାମର ୪ ଜଣ ମହିଳା ଆବେଦନ କରିଥିଲେ। ସରକାରୀ ନୀତି ନିୟମ ଅନୁଯାୟୀ ଗ୍ରାମର ସୀମାଞ୍ଜଳି ଭୋଇ ମନୋନୀତ ହୋଇଥିଲେ। କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ୧୩।୩।୨୫ରେ ନିଯୁକ୍ତି ପତ୍ର ମିଳିଥିଲା। ୧୯ ।୩।୨୫ରେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ; ମାତ୍ର ଗ୍ରାମର କିଛି ଜାତିବାଦୀ ତଥା କୁଚକ୍ରୀ ଗୋଷ୍ଠୀ ତାଙ୍କୁ ବିରୋଧ କରିଛନ୍ତି। ସୀମାଞ୍ଜଳିଙ୍କ ନିଯୁକ୍ତିକୁ ବାତିଲ କରି ନୂତନ ବିଜ୍ଞପ୍ତି ପାଇଁ ପ୍ରଶାସନ ନିକଟରେ ଦାବି କରୁଛନ୍ତି। ଗ୍ରାମର କିଛି ମହିଳାଙ୍କ ସହ ଆଜି ସୀମାଞ୍ଜଳି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କ ନିଯୁକ୍ତି ସରକାରୀ ନିୟମ ଅନୁଯାୟୀ ହୋଇଥିବାରୁ କାଏମ୍ ରଖିବାକୁ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଦାବିପତ୍ର ଗ୍ରହଣ କରିଥିଲେ।

## ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ଦେଓଗାଁ,୨୭।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କାର୍ଯ୍ୟାଳୟ ସଭାକକ୍ଷରେ ସୋମବାର ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବନ ବିଭାଗ ତରଫରୁ ପୋସ୍ ଆକ୍ଟ ଓ ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷୟକ୍ଷତି ଉପରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରୀୟ ରଞ୍ଜନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରପତି ରାଜଶ୍ରୀ ପ୍ରିୟଦର୍ଶିନୀ, ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପବିତ୍ରାନନ୍ଦ ପ୍ରଧାନ, ଏସିଏଫ ମୁରାରୀ ପ୍ରସାଦ ପଣ୍ଡା, ଦେଓଗାଁ ରେଞ୍ଜର ନବୀନ ପଣ୍ଡା, ସିଡିପିଓ ମିନତି ମିଶ୍ର, ଓଡିଶା ଜୀବିକା ମିଶନର ବିପିଏମ ସବ୍ୟାରାଣୀ ମହାଲିଙ୍ଗ, ଯନ୍ତ୍ରୀ ଦିଲୀପ ସାହୁ, ବନ ବିଭାଗର ଡିଇଓ ନରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

ଡୁଙ୍ଗୁରିପାଲି, ୨୭ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ କପାସିରା ଜୁଲୁଣ୍ଡା ପଞ୍ଚାୟତ ନିକଟରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଲାଙ୍ଗୀର ଜିଲ୍ଲା ଆଗଲପୁର ଥାନା ଛେଲଖାଇ ଗ୍ରାମର ଶାଶ୍ୱତ ବେହେରା। ଗୁରୁତରମାନେ ହେଲେ କପାସିରା ଗ୍ରାମର ସାହିଲ ପୁଟେଲ, ମେଣ୍ଢା ଗ୍ରାମର ଦୁଇ ଭାଇ ରିଙ୍କୁ ଦଳବେହେରା ଓ ଟିଙ୍କୁ ଦଳବେହେରା। ଲୋକେ ଏମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ବାର୍ଷିକୋତ୍ସବ

### ନିରବଚ୍ଛିନ୍ନ ସାଧନା ହିଁ ସଫଳତାର ଚାବିକାଠି

ବୀରମହାରାଜପୁର,୨୭ ।୪(ସମିସ): ଉଙ୍ଗାମୁଣ୍ଡା ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନିରବଚ୍ଛିନ୍ନ ସାଧନା ହିଁ ସଫଳତାର ଚାବିକାଠି ବୋଲି ଏଥିରେ ମତ ପ୍ରକାଶ ପାଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ନଳିନୀ ପଣ୍ଡା, ବେଣୁଧର ଦାସ, ଲୋକକବି ରତ୍ନ ପଦ୍ମଶ୍ରୀ ଡ. ହଳଧର ନାଗ ପ୍ରମୁଖ ଅତିଥି



ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପଙ୍କଜ ଖମାରୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁନ୍ନା ମାହାଣା, ଉଦ୍ଧବ ପଧାନ, ମଦନ ଭୋଇ, ପ୍ରଭାତ ଦାସ, ମୋନାଲିସା ନନ୍ଦ, କାର୍ତ୍ତିକ ଭୋକ୍ତା, ପୃଥ୍ୱୀରାଜ ଜଗଦଲା, ରାଜେଶ ଶତପଥୀ, ଭକ୍ତି ମହାନନ୍ଦ, ସୁଧୀର ବଡଚାଟ, ଗିରିଧାରୀ ହୋତାଙ୍କୁ ସମ୍ମାନିତ କରାଯାଇଥିଲା। ଯୁଧିଷ୍ଠିର ଖମାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ତାଳସରଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର

## ତୁରନ୍ତ ଜଳ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଜହ୍ନାପଙ୍କ,୨୭ ।୪(ସମିସ)

ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକର ତାଳସରଡା ପଞ୍ଚାୟତରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତୁରନ୍ତ ସବୁ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର ସାହୁ, ସରପଞ୍ଚ ସସ୍ମିତା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୮ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ ଅଭିଯୋଗ ଉପରେ ଜିଲ୍ଲାପାଳ ଶୁଣାଣି କରିଥିଲେ। ୧୮ ଟି ଅଭିଯୋଗର ତୁରନ୍ତ



ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାପାଳ ୨ ଜଣ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠିରୁ ୮ ହଜାର ଟଙ୍କାର ତତ୍କାଳ ସହାୟତା ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ଏବଂ ଧନଜନ ସୁରକ୍ଷା ପାଇଁ ସମସ୍ତ ବିଭାଗ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ପଞ୍ଚାୟତ ସମ୍ମୁଖରେ ଥିବା ଜଳଛତ୍ର ବୁଲି ଦେଖିଥିଲେ। ସବୁ ଜଳଛତ୍ରରେ ଓଆର୍‌ଏସ୍ ପାଉଡର୍ ମହଜୁଦ୍ ରଖିବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା ସାହୁ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ।

## ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ଦେଖି ଜିଲ୍ଲାପାଳ ଖପ୍ପା

ଶଗଡା,୨୭ ।୪(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଚାନକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରିଦର୍ଶନ କରିଛନ୍ତି। ଡାକ୍ତରଖାନାରେ ଥଣ୍ଡା ପାନୀୟ ଜଳର ଅବ୍ୟବସ୍ଥା, ଜଳ ଯୋଗାଣ, ଯାନ୍ତ୍ରିକ ଉପକରଣ ରୋଗୀଙ୍କ କାମରେ ନ ଲାଗିବା, ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ଅଂଶୁଘାତ କକ୍ଷରେ ଏସି ନ ଚାଲିବା ଆଦି ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଳସରଡା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଜଣାଶୁଣାଣି ଶିବିର ସାରି ଅପରାହ୍ନ ସାଢେ ୧୨ଟାରେ ଜିଲ୍ଲାପାଳ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ଅଚାନକ ପରିଦର୍ଶନ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମସ୍ୟାର ସମାଧାନ ନେଇ ଏକ ଜରୁରୀ ବୈଠକ ଡାକିବାକୁ ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, ବିଡ଼ିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



